# Akashvani, Sambalpur

## SAMBALPURI NEWS EVENING BULLETIN

## 16 January 2026 - 7.02 pm- 7.12 pm.

*********************************************

୧- ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନ୍ ଭାରତ୍ ନ ଗୁଟେ ବିପ୍ଲବ୍ ଆନିଦେଇଛେ କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ନୂଆଦିଲ୍ଲୀ ନ ହେଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆର୍ ୧୦ ବଛର୍ ପୂର୍ତି ଅବ୍‌ସରେ ଷ୍ଟାର୍ଟଅପ୍ ଉଦ୍ୟୋଗୀମାନ୍‌କର୍ ସାଙ୍ଗେ କଲେ ଆଲୋଚନା ।

୨- କୋଲ୍‌କାତା ନ ହେଉଥିବା ନିବେଶକ ସମ୍ମିଳନୀଥି ଶିଳ୍ପପତିମାନ୍‌କର୍ ସାଙ୍ଗେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

୩- ଜାତୀୟ ଶିକ୍ଷାନୀତି -୨୦୨୦ ଆଧାର୍‌ଥି ରାଏଜେ ପାଠ୍‌ପଢ଼ା ବହି ମାନ୍‌କର୍ ବିକାଶ୍ ପ୍ରକ୍ରିୟାର୍ ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ନିପା ଭାଇରସ୍‌କେ ନେଇକରି ନାଇଁ ଡର୍‌ବାର୍‌କେ ରାଜ୍ୟବାସୀଙ୍କୁ - ସ୍ୱାସ୍ଥ୍ୟମନ୍ତ୍ରୀଙ୍କର୍ ପରାମର୍ଶ ।

ଷ୍ଟାର୍ଟଅପ୍ ଇଣ୍ଡିଆ-ପ୍ରଧାନ୍‌ମନ୍ତ୍ରୀ      ଏନ୍‌ଏସ୍‌ଡି

ଷ୍ଟାର୍ଟଅପ୍ ଇଣ୍ଡିଆ ଖାଲି ଗୁଟେ ଯୋଜ୍‌ନା ନୁହେଁସେ, ଇଟା ହେଉଛେ ଗୁଟେ ଇନ୍ଦ୍ରଧନୁ ଭିଜନ୍, ଯେନ୍‌ଟାକି ଭିନ୍ ଭିନ୍ କ୍ଷେତ୍ରକେ ନୂଆଁ ସୁଯୋଗ୍ ସହେତେ ଜୁଡ଼ିକରି ରଖିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନ୍‌ର ୧୦ ବଛର୍ ପୂର୍ତି ଅବ୍‌ସରେ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ହେଇଥିବା ଗୁଟେ ସମାରୋହଥି ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ମାତରକ୍ ୧୦ ବଛର୍ ଭିତ୍‌ରେ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନ୍ ଭାରତ୍ ନ ଗୁଟେ ବିପ୍ଳବ୍ ଆନିଦେଇଛେ । ଭାରତ୍ ଇହାଦେ ପୁରଥିର୍ ୩ ନମ୍ବର୍ ବଡ଼୍ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍ ହେଇପାରିଛେ । ୧୦ ବଛର୍ ଆଘୋନୁ ଦେଶେ ୫ ଶହ ନୁ କମ୍ ଷ୍ଟାର୍ଟଅପ୍ ଥିଲା ବେଲ୍‌କେ ଇହାଛିନି ଇଟା ୨ ଲାଖ୍ ପାର୍ କରିଛେ । ୨୦୧୪ ବେଲ୍‌କେ ଦେଶେ ୪ ଟା ୟୁନିକର୍ଣ୍ଣ ଥିଲା, ମାତରକ ଇହାଦେ ଶହେ ୨୫ ଟା ୟୁନିକର୍ଣ୍ଣ ଅଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶର୍ ଭାଇବ୍ରେଂଟ୍ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌ଥି ଜୁଡ଼ି ହେଇକରି ଥିବା ପ୍ରତିନିଧିମାନ୍‌ଙ୍କର ସଙ୍ଗେ ଆଲୋଚନା କରିଛନ୍ ।

ମୁଖ୍ୟମନ୍ତ୍ରୀ-ପଶ୍ଚିମବଙ୍ଗ ଗସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ କୋଲ୍‌କାତା ନ ହେଇଥିବା ନିବେଶକ ସମ୍ମିଳନୀଥି ଯୋଗ୍ ଦେଇଛନ୍ । ସମ୍ମିଳନୀଥି ଆଏଜ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କର୍ ଅଧ୍ୟକ୍ଷତାଥି ୩ ଟା ରାଉଣ୍ଡ୍ ଟେବୁଲ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଉଷୋକଷା, ଚିକିତ୍ସା ଦରବ୍, ଇଲେକ୍ଟ୍ରୋନିକ୍ସ, ଆଇ.ଟି., ବୟନଶିଳ୍ପ, ପ୍ଲାଷ୍ଟିକ୍ ଆଉ କେମିକାଲ୍ସ, ମେଟାଲ୍ ଆଉ ଡାଉନ୍‌ଷ୍ଟ୍ରିମ୍ ବାଗିର୍ କ୍ଷେତ୍ର ବାବ୍‌ଦେ ମୁଖ୍ୟମନ୍ତ୍ରୀ ଶିଳ୍ପପତି ଆଉ ପୁଞ୍ଜିନିବେଶ୍‌କାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଆଏବା କାଏଲ୍ ଭିନ୍ ଭିନ୍ ଶିଳ୍ପସଂସ୍ଥାର୍ ପ୍ରତିନିଧି ଆଉ ନିବେଶକ୍‌ମାନ୍‌କୁ ନେଇକରି ସମ୍ମିଳନୀ ହେବା । ସମ୍ମିଳନୀଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ବୋଧନ୍ ଦେବାର୍ ସହେତେ ଦେଶ୍ ବିଦେଶ୍‌ର ଶିଳ୍ପପତି ଆଉ ନିବେଶକ୍ ମାନ୍‌କର୍ ସାଙ୍ଗେ ଝନ୍‌ଝନ୍‌କରି ଆଲୋଚନା କରିକରି ରାଏଜେ ପୁଞ୍ଜିନିବେଶ୍ ଲାଗି ଆହ୍ୱାନ୍ ଦେବେ ।

ଧର୍ମେନ୍ଦ୍ର ପ୍ରଧାନ୍ ଆଇ.ଆଣ୍ଡ୍.ପି.ଆର୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଭୁବ୍‌ନେଶ୍ୱର୍ ନ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାର୍‌ଥି ରାଏଜେ ପାଠ୍‌ପଢ଼ା ବହି ମାନ୍‌କର୍ ବିକାଶ୍ ପ୍ରକ୍ରିୟାର୍ ସମୀକ୍ଷା

କରିଛନ୍ । ବୈଠକ୍‌ଥି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ରାଏଜେ ଶିକ୍ଷାକ୍ଷେତ୍ରଥି ସଂସ୍କାର୍ ଲାଗି ୪ ସୂତ୍ରୀ ମନ୍ତ୍ର ଦେଇଛନ୍ । ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ ୨୦୨୬ -୨୭ ଶିକ୍ଷାବଛରନୁ ରାଏଜେ ୧ ନୁ ୮ ଶ୍ରେଣୀତକ୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ୫୫ ଟା ନୂଆଁ ବହି ଅନାଯିବା ବଲି କହିଛନ୍ । ଇ ବାବ୍‌ଦେ ଜିଲ୍ଲା ଅଧିକାରୀମାନ୍‌କର୍ ସାଙ୍ଗେ  ଆଲୋଚନା କରିଛନ୍ । ବୈଠକ୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ୍ ଦେଇକରି ଶିକ୍ଷା କ୍ଷେତ୍ରଥି ସଂସ୍କାର୍ ଛୁଆମାନ୍‌କର୍ ଭବିଷ୍ୟତ୍ ଆଉ ଓଡ଼ିଶାର୍ ପ୍ରଗତି ଲାଗି ଗୁଟେ ସାମୂହିକ୍ ପ୍ରତିବଦ୍ଧତା ଆଏ ବଲି କହିଛନ୍ । ବୈଠକ୍‌ଥି କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷା ଆଉ ସାକ୍ଷରତା ବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ ଅର୍ଚ୍ଚନା ଶର୍ମାଙ୍କର୍ ସହେତେ ୩୦ ଟା ଜିଲ୍ଲାର୍ ଶିକ୍ଷା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଜାରାଣୀ ସଂଗୀତ୍ ଉତ୍ସବ୍          ଆଇ.ଆଣ୍ଡ୍.ପି.ଆର୍

ରାଜାରାଣୀ ସଂଗୀତ୍ ଉତ୍ସବ୍ ଖାଲି ଗୁଟେ ସଂଗୀତ୍ କାର୍ଯ୍ୟକ୍ରମ୍ ନୁହେଁ, ଇଟା ଆମର୍ ସମୃଦ୍ଧ କଳା, ସଂସ୍କୃତି ଆଉ ଇତିହାସ୍‌ର ଗୁଟେ ସୁନ୍ଦର୍ ସେତୁ ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଭୁବ୍‌ନେଶ୍ୱର୍ ରାଜାରାଣୀ ମନ୍ଦିର୍ ପରିସର୍ ମୁକ୍ତାକାଶ ରଙ୍ଗମଂଚ ନ ଆଏଜ୍‌ଠାନୁ ରାଜାରାଣୀ ସଂଗୀତ୍ ଉତ୍ସବ୍‌ର ଉଦ୍‌ଘାଟନୀ

ସମାରୋହଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଇଟା କହିଛନ୍ । ସମାରୋହଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଉ ଅଲ୍‌ଗାମାନେ ଉପସ୍ଥିତ୍ ଥିଲେ । ୩ ଦିନିଆ ଉତ୍ସବ୍‌ଥି ରାଜ୍ୟ ଆଉ ରାଜ୍ୟ ବାହାରର୍ ବହୁତ୍ ନାଁକରା କଲାକାର୍‌ମାନେ ନିଜର୍ କଲାର୍ ପରିବେଷଣ୍ କର୍‌ବେ ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ୍ ହି.ସ.

ଆଏବା ୨୦ ତାରିଖ୍ ଦିନ ଭାରତୀୟ ଜନତା ପାର୍ଟିର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ୍ ହେବା । ଇଥିର୍‌ଲାଗି ଆଏଜ୍ କାର୍ଯ୍ୟସୂଚୀ ଘୋଷ୍‌ନା କରାଯାଇଛେ । କାର୍ଯ୍ୟସୂଚୀ ଅନ୍‌ସାରେ ଆଏବା ୧୯ ତାରିଖ୍ ଦିନର୍ ୨ ନୁ ୪ ବଜେତକ୍ ନାମାଙ୍କନ୍ ଦାଖଲ୍ କରାଯିବା । ଉପର୍‌ବେଲା ୪ ଆଉ ୫ ବଜେତକ୍ ନାମାଙ୍କନ୍ ଯାଚ୍‌ଂ କରାଯିବା । ସଞ୍ଜବେଲର୍ ୫ ନୁ ୬ ବଜେକେ ନାମାଙ୍କନ୍ ପ୍ରତ୍ୟାହାର୍‌ର ସମିଆ ରଖାଯାଇଛେ । ତାର୍‌ଆର ଦିନ ୨୦ ତାରିଖ୍ ନିର୍ବାଚନ୍ ହେଇକରି ଅଧ୍ୟକ୍ଷକଙ୍କର୍ ନାଁ ଘୋଷ୍‌ନା କରାଯିବା । ଇହାଦେ ନୀତିନ୍ ନବୀନ୍ ବିଜେପିର୍ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲଉଛନ୍ ।

ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆଇ.ଆଣ୍ଡ୍.ପି.ଆର୍

ଷ୍ଟାର୍ଟଅପ୍ ଇଣ୍ଡିଆର୍ ୧୦ ବଛର୍ ପୂର୍ତି ଅବ୍ସରେ ଭୁବ୍ନେଶ୍ୱର୍ ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଲୟ ନ ରାଜ୍ୟସ୍ତରୀୟ ନୂଆଁ ସୃଜନ୍ ଆଉ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆଏଜ୍ ମୁଲ୍ ହେଇଯାଇଛେ । ଦୁଇ ଦିନିଆ କାର୍ଯ୍ୟକ୍ରମ୍‌କେ ରାଜ୍ୟସୂଚନା ଆଉ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଉଦ୍‌ଘାଟନ୍ କରିକରି ଛାତ୍ରଛାତ୍ରୀମାନେ ତିଆର୍ କରିଥିବା ଷ୍ଟାର୍ଟଅପ୍ ପ୍ରକଳ୍ପ ମାନ୍‌କୁ ବୁଲି ଦେଖିଛନ୍ । ଇ କାର୍ଯ୍ୟକ୍ରମ୍ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ସୃଜନ୍‌ଶୀଳତାର୍ ବିକାଶ୍ ସହେତେ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌କେ ଆହୁରି ବିକାଶ୍ କର୍‌ବା ବଲି ମନ୍ତ୍ରୀ କହିଛନ୍ । ପ୍ରତିଯୋଗିତାଥି ୧୪ ଟା ବିଶ୍ୱବିଦ୍ୟାଲୟର୍ ୭୨ ଝନ୍ ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ । ଇ ଅବ୍ସରେ ୧୦ ଟା ଶ୍ରେଷ୍ଠ ଷ୍ଟାର୍ଟଅପ୍ ପ୍ରକଳ୍ପକେ ବଛାଯାଇକରି ୫ ଲାଖ୍ ଟଙ୍କା ଲେଖା ଆର୍ଥିକ୍ ସାହାଜ୍ ଯୁଗେଇ ଦିଆଯିବା ।

ନିପା ଭୂତାଣୁ-ବୈଠକ୍          ଆଇ.ଆଣ୍ଡ୍.ପି.ଆର୍

ନିପା ଭୂତାଣୁକେ ନେଇକରି ଆତଙ୍କିତ୍ ନାଇଁ ହେବାର୍‌କେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ । ପଶ୍ଚିମବଙ୍ଗ୍ ନ ନିପା ଭୂତାଣୁ ସଂକ୍ରମଣ୍ ଦେଖାଯିବାର୍ ଉତ୍‌ରୁ ଭୁବ୍ନେଶ୍ୱର୍ ନ ଆଏଜ୍ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ

ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ନିପା ଭୂତାଣୁର ସମ୍ଭାବ୍ୟ ମୁକାବିଲା ଲାଗି ଗୁଟେ ବୈଷୟିକ ଦଲ୍ ଗଠନ୍ କରାଯାଇଛେ । ଥିତି ଉପ୍‌ରେ କଡ଼ା ନଜର୍ ରଖାଯାଇଛେ । ପଶ୍ଚିମବଙ୍ଗ୍ ସୀମ୍‌ନା ଜିଲ୍ଲାମାନ୍‌କେ ଆଉ ବଡ଼୍ ବଡ଼୍ ସହର୍‌ମାନ୍‌କେ କଡ଼ାକଡ଼ି ଯାଂଚ୍ କରାଯାଉଛେ । ଓଡ଼ିଶା ନ ଏବ୍‌ତକ୍ ଗୁଟେ ଭିଲ୍ ନିପା ସଂକ୍ରମଣ୍ ନଜର୍‌କେ ନାଇଁ ଆସ୍‌ବାର୍‌ତାଏଲ୍ । କେନ୍‌ସିଭିଲ୍ ପରିସ୍ଥିତି ଲାଗି ସର୍‌କାର୍ ପ୍ରସ୍ତୁତ୍ ଅଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ଶ୍ରୀମନ୍ଦିର୍‌ର ପରିଚାଲନା କମିଟି ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌ର ପରିଚାଲନା କମିଟିର୍ ଜରୁରୀ ବୈଠକ୍ ଆଏବା କାଏଲ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ହେବା । ଗଜପତି ମହାରାଜ୍‌ଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ଇ ବୈଠକ୍‌ଥି ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତି ବାବ୍‌ଦେ ଆଲୋଚନା କରାଯିବା । ଗଲା ବୈଠକ୍‌ଥି ଅଲଙ୍କାର୍ ଗନ୍‌ତି ଲାଗି ହେଇଥିବା ଚିଠା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦନ୍ ଲାଗି ପଠାଯିବା ।

ଅଧ୍ୟାପକ ଆଚରଣ୍ ଯାଂଚ୍ ହି.ସ.

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ରେ କାର୍ଯ୍ୟରତ ଅଧ୍ୟାପକମାନ୍‌କର୍ କାର୍ଯ୍ୟଦକ୍ଷତା ଆଉ ଆଚରଣ୍‌ର ଯାଂଚ୍ ଲାଗି ବିଶ୍ୱବିଦ୍ୟାଲୟମାନ୍‌କର୍ ରେଜିଷ୍ଟ୍ରାର୍ ଆର୍ କଲେଜ୍ ଅଧ୍ୟକ୍ଷମାନ୍‌କୁ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଚିଠି ଜରିଏ ନିର୍ଦ୍ଦେଶ୍ ଦିଆଯାଇଛେ । ଆଏବା ୩୧ ତାରିଖ୍‌ତକ୍ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଉପମୁଖ୍ୟମନ୍ତ୍ରୀ-ପର୍ଯ୍ୟଟନ ସମୀକ୍ଷା ଆଇ.ଆଣ୍ଡ.ପି.ଆର୍

ରାଜ୍ୟର୍ ପ୍ରମୁଖ ଐତିହ୍ୟ ଆଉ ଧାର୍ମିକ୍ ଜାଗା ମାନ୍‌କର୍ ବିକାଶ୍ ଆଉ ସୁରକ୍ଷାକେ ନେଇକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଅଧ୍ୟକ୍ଷତାରେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ରେ କେଦାରଗୌରୀ, ଖଣ୍ଡଗିରି, କପିଳେଶ୍ୱର୍ ଆଉ ମୁକ୍ତେଶ୍ୱର୍ ବାଗିର୍ ପ୍ରମୁଖ ଜାଗା ମାନ୍‌କର୍ ସାମଗ୍ରିକ୍ ବିକାଶ୍, ସୁରକ୍ଷା ଆଉ ପର୍ଯ୍ୟଟନ୍ ପରିଚାଳନା ବାବ୍‌ଦେ ଆଲୋଚନା କରାଯାଇଛେ । ପର୍ଯ୍ୟଟନ୍‌ସ୍ଥଲୀମାନ୍‌କର୍ ସ୍ୱଚ୍ଛତା, ଡ୍ରେନେଜ୍ ବ୍ୟବସ୍ଥା ଆଉ ଜଲସ୍ରୋତମାନ୍‌କର୍ ଦେଖ୍‌ରେଖ୍ ବାବ୍‌ଦେ ଭିଲ୍ ଇଥିରେ ଆଲୋଚନା କରାଯାଇଛେ ।

ନିଯୁକ୍ତି ମେଳା        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଲର୍କିପାଲି ସର୍କାରୀ ଶିଳ୍ପ ତାଲିମ୍ କେନ୍ଦ୍ର ନ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟର୍ ନୂଆଁ ସର୍କାର୍ ବେକାର୍ ସମସ୍ୟା ଦୂର୍ କର୍‌ବାର୍ ଲାଗି ଗଲା ଦେଢ଼୍ ବଛର୍ ଭିତ୍‌ରେ ବହୁତ୍‌ଟେ ଯୁଆନ୍ ପିଲା ଟୁକେଲ୍‌ଙ୍କୁ ନିଯୁକ୍ତି ଦେଇଛନ୍ ବଲି କହିଛନ୍ ।

କୃଷି ଯନ୍ତ୍ରପାତି ମେଳା -ବଲାଙ୍ଗିର୍        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ଼୍ ଉପଖଣ୍ଡ ରାମ୍‌ପୁର୍ ପାଟଣେଶ୍ୱରୀ ହାଇସ୍କୁଲ୍ ପଡ଼ିଆ ନ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମୁଲ୍ ହେଇଛେ । ମେଳାକେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନ୍‌କ ବର୍ଦ୍ଧନ୍ ସିଂହଦେଓ ଉଦ୍‌ଘାଟନ୍ କରିକରି କହିଛନ୍, ଇହାଦେ ରାଜ୍ୟ ସର୍କାର୍ ଚାଷୀ ମାନ୍‌କର୍ ଫସଲ୍ ବିଦେଶ୍‌କେ ପଠେଇକରି ସେମାନ୍‌କର୍ କମାନି ଦୁଇଗୁନା କରିପାରିଛନ୍ । ଚାଷୀମାନେ ଅଏତ୍‌କା ତେଲ୍ ଉତ୍ପାଦନ୍ କଲେ ବାହାରୁ ଆଉ ତେଲ୍ ଆମଦାନୀ କର୍‌ବାର୍‌କେ ନାଇଁ ପଡ଼େ ।

ରାଷ୍ଟ୍ରୀୟ କର୍ମଯୋଗୀ କାର୍ଯ୍ୟକ୍ରମ୍     ଆର୍ଏନ୍ୟୁ/ ସମ୍ବଲପୁର

ଆକାଶ୍ବାଣୀ ସମ୍ବଲ୍ପୁର୍ କେନ୍ଦ୍ର ନ ଆଏଜ୍ ରାଷ୍ଟ୍ରୀୟ କର୍ମଯୋଗୀ କାର୍ଯ୍ୟକ୍ରମ୍ ହେଇଯାଇଛେ । ଏନ୍.ଏ.ବି.ଏମ୍. ଭୁବ୍ନେଶ୍ୱର୍ ନୁ ଜ୍ଞାନରଞ୍ଜନ୍ ସାହୁ ଆଉ ଆକାଶ୍ବାଣୀ କଟକ୍ ର ଜୟକିଶୋର୍ ନାଗର୍ ମାଷ୍ଟର୍ ଟ୍ରେନର୍ ଭାବେ ଯୋଗ୍ ଦେଇକରି ଆକାଶ୍ବାଣୀ ସମ୍ବଲ୍ପୁର୍, ରାଉର୍କେଲା, ଏଫ୍.ଏମ୍. ବର୍ଗଡ୍, ସୁନ୍ଦର୍ଗଡ୍, ଦେବ୍ଗଡ୍ର କର୍ମଚାରୀମାନ୍କୁ ରାଷ୍ଟ୍ରୀୟ କର୍ମଯୋଗୀ ତାଲିମ୍ ଦେଇଥିଲେ ।

କୃଷି ଯନ୍ତ୍ରପାତି ମେଳା     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୃଷି ବିଭାଗ୍ ତର୍ଫୁ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ୍ ଆଉ କୃଷି ଯନ୍ତ୍ରପାତି ମେଳା ହେଇଯାଇଛେ । ମେଳାଥି ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍ସରେ ଜିଲ୍ଲାପାଳ୍ ମଧୁସୂଦନ୍ ଦାସ, ଆଘର୍ ସାଂସଦ୍ ବସନ୍ତ କୁମାର୍ ପଣ୍ଡା, ଜିଲ୍ଲା କୃଷି ଅଧିକାରୀଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀ ଆଉ ଜନପ୍ରତିନିଧି ମାନେ ଯୋଗ୍ ଦେଇଥିଲେ ।

ବିଭିଜୀରାମ୍‌ଜୀ ବିଲ୍      କଲାହାଣ୍ଡି ସମ୍ବାଦଦାତା

ବିକଶିତ୍ ଭାରତ୍ ଜୀ ରାମ୍ ଜୀ ଆଇନ୍ -୨୦୨୫ ଗାଁ ଇଲାକାର୍ ରୋଜ୍‌ଗାର୍‌କେ ବିକଶିତ୍ ଭାରତ୍ -୨୦୪୭ ସାଙ୍ଗେ ଜୁଡ୍‌ବା । ଇଟା ଗୁଟେ ଉତରଦାୟୀ ବ୍ୟବସ୍ଥା ଆନ୍‌ବା । ଯେନ୍‌ଟାକି ମୌଲିକ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍ ସହେତେ ଲୁକ୍‌କର୍ ରୋଜ୍‌ଗାର୍ ସୁରକ୍ଷାକେ ସୁନିର୍ଶ୍ଚିତ୍ କର୍‌ବା ବଲି କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ନ ସାଂସଦ୍ ମାଲ୍‌ବିକା ଦେବୀ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇଛନ୍ । ଇ ଅବ୍‌ସରେ ରାଜ୍ୟସଭା ସାଂସଦ୍ ସୁଜିତ୍ କୁମାର୍, ଧର୍ମଗଡ଼୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟ୍ଟଯୋଷୀ, ଜିଲ୍ଲା ବିଜେପି ସଭାପତି ଯୁଗଳ ପୋଢ଼ ପ୍ରମୁଖ ଉପସ୍ଥିତ୍ ଥିଲେ ।

ରଗ୍‌ବୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ୧୦ ନମ୍ବର୍ ସବ୍‌ଜୁନିଅର୍ ନେସ୍‌ନାଲ୍ ରଗ୍‌ବୀ ସେଭେନ୍ସ ଚାମ୍ପିଅନ୍‌ସିପ୍ ମୁଲ୍ ହେଇଛେ । ଚାମ୍ପିଅନ୍‌ସିପ୍ ଆଏବା ୨୧ ତାରିଖ୍‌ତକ୍ ଚାଲ୍‌ବା । କାର୍ଯ୍ୟକ୍ରମ୍‌କେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉଦ୍‌ଘାଟନ୍ କରିଛନ୍ । ଇଥି ୨୪ ଟା ରାଜ୍ୟନୁ ୫ ଶହ ୫୦ ନୁ ଅଏତ୍‌କା ୧୫ ବଛର୍‌ନୁ କମ୍ ବୟସର୍ ଖେଲାଳି ଆଉ ଶହେ ୩୦ ନୁ ଅଏତ୍‌କା ଅଧିକାରୀ ସାମିଲ୍ ହେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨ ଦିନ୍‌ତକ୍  ଶୀତ୍ ଜାରି ରହେବା । ତାର୍ ଉତ୍‌ରୁ ୨ ନୁ ୪ ଡିଗ୍ରୀ ତକ୍ ତାପମାତ୍ରା ବଢ଼ିକରି ଶୀତ୍ କମ୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ଝାର୍‌ସୁଗୁଡ଼ା, ବୌଦ୍ଧ, ସୁନ୍ଦରଗଡ଼ ସହେତେ ୧୬ଟା ଜିଲ୍ଲା ନ ଜବର୍ ଶୀତ୍ ହେବା ବଲି ପାଣିପାଗ୍ କେନ୍ଦ୍ର ତରଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।